# ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କମିଟୀ ବୈଠକ ।

## District Aids prevention & control committee meeting.

ଅନୁଗୋଳ,ତା.୨୬.୯ :- ଜିଲ୍ଲାରେ ଏଡସ୍ ରୋଗର ଭୟାବହତାକୁ ଦୃଷ୍ଟିରେ ରଖି ଏହାର ନିୟନ୍ତ୍ରଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଗତକାଲି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କମିଟୀ ବୈଠକ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗତ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତିର ଅନୁପାଳନ ଓ ଏଡସ୍ ଆକ୍ରାନ୍ତଙ୍କ ନିମନ୍ତେ ଯୋଗାଇ ଦିଆଯାଉଥିବା ବିଭିନ୍ନ ସରକାରୀ ସୁବିଧା ସମ୍ପର୍କରେ ଏହି ବୈଠକରେ ଆଲୋଚନା ହୋଇଥିଲା । ଅନୁଗୋଳରେ ଗ୍ରାମୀଣ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଦିବସରେ ଗର୍ଭବତୀ ମହିଳାମାନଙ୍କର ଏଚ୍ ଆଇ ଭି ପରିକ୍ଷା ଆସନ୍ତା ମାସ ଶେଷ ଭାଗରେ ଆରମ୍ଭ କରାଯିବାକୁ ସ୍ଥିର କରାଗଲା । ଟ୍ରକ୍ ମାଲିକ ସଂଘର ସହାୟତାରେ ଟ୍ରକ୍ ଡ୍ରାଇଭର ଓ ହେଲପରମାନଙ୍କ ମଧ୍ୟରେ ଏଚ୍ ଆଇ ଭି ଏଡସ୍ ସଚେତନତା ଓ ପରିକ୍ଷଣ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଜିଲ୍ଲାରେ ସମସ୍ତ ଶିଳ୍ପ ସଂସ୍ଥା ପ୍ରତି ୩ ମାସରେ ଥରେ ଏଚ୍ ଆଇ ଭି ଏଡସ୍ କାର୍ଯ୍ୟକ୍ରମ ଆୟୋଜନ କରିବେ । ଜିଲ୍ଲାରେ ସମସ୍ତ ଆଇ ସି ଟି ସିରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ନିମନ୍ତେ ଏମ୍ ସି ଏଲକୁ ପରାମର୍ଶ ଦିଆଯାଇଛି । ଏହାଛଡା ଏମ୍ ସି ଏଲ୍ ଏକ ସି ଡି-୪ ମେସିନ୍ ଦେବା ସହ ଏହାର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଯୋଜନାର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲାରେ ସମସ୍ତ ଶିଳ୍ପ ସଂସ୍ଥା ଗୁଡିକ ସେମାନଙ୍କର ଟ୍ରକ୍ ପାର୍କିଂ ଅଂଚଳରେ ଏଲ୍ ଇ ଡି ଡିସପ୍ଲେ ବୋର୍ଡ ଲଗାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକର ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅମରେନ୍ଦ୍ରନାଥ ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ୟୁନିସେଫ୍, ଭୁବନେଶ୍ୱରର ପରାମର୍ଶଦାତା ତୃପ୍ତି ମିଶ୍ର ଗ୍ରାମୀଣ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଦିବସରେ ଅନୁଗୋଳରେ ଗର୍ଭବତୀ ମହିଳାମାନଙ୍କର କିପରି ଏଚ୍ ଆଇ ଭି ପରିକ୍ଷା କରାଯିବା ଉପରେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଏଡସ୍ ନିୟନ୍ତ୍ରଣ ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ ଯକ୍ଷ୍ମାର ରୋଗର ନିରାକରଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ଏଡସ ପ୍ରତିରୋଧ ଓ ନିୟନ୍ତ୍ରଣ କମିଟୀର ଡି ପି ଏମ୍ ଡ. ପ୍ରମିଳା ହୋତା ଗତ ବୈଠକର ବିବରଣୀ ଉପସ୍ଥାପନ କରିବା ସହ ଅନୁଗୋଳ ଜିଲ୍ଲାର ଏଚ୍ ଆଇ ଭି ଓ ଏଡସ୍‌ର ଭୟାବହତା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ୨୦୦୩ ମସିହା ଠାରୁ ବର୍ତ୍ତମାନ ସୁଧା ଏଡସ୍ ରୋଗର ଚିହ୍ନଟ ପାଇଁ ୪ଲକ୍ଷ ୪୮ ହଜାର ୫୨୫ ଜଣଙ୍କର କାଉନସେଲିଂ ହୋଇଥିଲା । ସେଥିରେ ୧୮୯୬ଜଣଙ୍କର ଏଡସ୍ ଜୀବାଣୁ ଥିବାର ଜଣାପଡିଛି । ଶେଷରେ ଏ ଆର ଟି ସେଣ୍ଟରର ଏସ୍ ଏମ୍ ଓ ଡା.ଶାସ୍ୱତ ସାଗର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ସମେତ,ଶିଳ୍ପ ସଂସ୍ଥାର କର୍ମକର୍ତ୍ତା,ସ୍ୱେଚ୍ଛାସେବୀ,The Medics, S A R C, U S S,ଅନୁଗୋଳ ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।


Succession List Of
District Magistrate & Collectors
Decisions taken on last DAPCC Meeting on 07.06.2019

